# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**18 February – 2026**

## ବୈଷ୍ଣବ-ଏଆଇ ସମିଟ୍

ଆଗାମୀ ଦୁଇ ବର୍ଷ ମଧ୍ୟରେ କୃତ୍ରିମ ବୁଦ୍ଧିମତା-ଏଆଇ କ୍ଷେତ୍ରରେ ଭାରତ ୨୦୦ ବିଲିୟନ୍ ଡଲାର୍‌ରୁ ଅଧିକ ପୁଞ୍ଜିନିବେଶ ଆଶା ରଖିଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବୈଷ୍ଣବ କହିଛନ୍ତି, କୃତ୍ରିମ ବୁଦ୍ଧିମତାର ସଠିକ୍ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ନେଇ ବିଶ୍ୱ ନେତାଙ୍କ ମଧ୍ୟରେ ଏକ ସହମତି ସୃଷ୍ଟି କରିବାକୁ ଭାରତ ପ୍ରୟାସ କରିବ। ଏହାଦ୍ୱାରା କୃତ୍ରିମ ବୁଦ୍ଧିମତାକୁ ମନୁଷ୍ୟ ସମାଜର କଲ୍ୟାଣ ପାଇଁ ବ୍ୟବହାର କରାଯାଇପାରିବ ।

**VO-ASHWINI-VAISHNAW**

## ସିଏଚ୍ଏସ୍ଇ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ-ସିଏଚ୍ଏସ୍ଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଆଜିଠାରୁ ଆରମ୍ଭ ହେଉଛି। ଚଳିତଥର ୧ ହଜାର ୩୪୮ଟି ପରୀକ୍ଷା କେନ୍ଦ୍ର ଏବଂ

୭ଟି ସବ୍‌ସେଣ୍ଟରରେ ପରୀକ୍ଷା ପରିଚାଳନା କରାଯାଇଛି। ଆସନ୍ତାମାସ ୨୮ ତାରିଖରେ ପରୀକ୍ଷା ଶେଷ ହେବ। ପରୀକ୍ଷା ପାଇଁ ମୋଟ ୨୧୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ଗୋଟିଏ ସବ୍ ଟ୍ରେଜେରୀକୁ ପରୀକ୍ଷା ପରିଚାଳନା ହବ୍ କରାଯାଇଛି। ଆଜି ସକାଳ ୮ଟା ୩୦ ସୁଦ୍ଧା ହବ୍ ଗୁଡ଼ିକରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ । ପରୀକ୍ଷାକୁ ଅବାଧ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି ।

## ପୂର୍ତ୍ତବିଭାଗ-ସମୀକ୍ଷା ବୈଠକ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ପୂର୍ତ୍ତ ବିଭାଗର ପ୍ରକଳ୍ପଓ୍ୱାରୀ ଖର୍ଚ୍ଚର ସମୀକ୍ଷା ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ବୈଠକକୁ ଅଧ୍ୟକ୍ଷତା କରିବା ସହ ରାଜ୍ୟର ପ୍ରମୁଖ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଓ ବଜେଟ୍ ଖର୍ଚ୍ଚର ସମୀକ୍ଷା କରିଥିଲେ । ଆଇନ୍‌ମନ୍ତ୍ରୀ ପ୍ରକଳ୍ପର ଗୁଣବତ୍ତା ଯାଞ୍ଚ ନେଇ ନିର୍ଦ୍ଦେଶ ଦେବା ସହ ଅନ୍ୟ ବିଭାଗରୁ ନିର୍ମାଣ ବିଭାଗ ଅଧୀନକୁ ଆସିଥିବା ନୂତନ ରାସ୍ତାର ଉନ୍ନୟନ ଏବଂ ସମ୍ପ୍ରସାରଣ, ଏକାମ୍ର, ସମଲେଇ, ଅବଢ଼ା ପ୍ରକଳ୍ପ ସମେତ ବିଭିନ୍ନ ରାସ୍ତା, କୋଠାବାଡି ଓ ସେତୁ ପ୍ରକଳ୍ପକୁ ଶୀଘ୍ର ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ରଥଯାତ୍ରା-ବୈଠକ

ଚଳିତବର୍ଷ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଦ୍ୱିତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗତ ଜାନୁଆରୀ ୧୩ ତାରିଖରେ ଅନୁଷ୍ଠିତ ରଥଯାତ୍ରା ସମନ୍ୱୟ କମିଟିର ପ୍ରଥମ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା ।

## ନମସ୍ତେ ଯୋଜନା

ନମସ୍ତେ ଯୋଜନାର କାର୍ଯ୍ୟକାରୀତା ମାଧ୍ୟମରେ ପରିମଳ କର୍ମୀ ଏବଂ ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ଜୀବିକା, ନିରାପତ୍ତା ଏବଂ ମର୍ଯ୍ୟାଦାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି । ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟର ସମନ୍ୱୟରେ ଜୁଲାଇ ୨୦୨୩ରୁ ଆରମ୍ଭ ହୋଇଥିବା ଏହି ଯୋଜନା ବିପଜ୍ଜନକ ସଫେଇ ପ୍ରଥାର ବିଲୋପ ସହ ସାରା ଦେଶରେ ସୁରକ୍ଷିତ, ଯାନ୍ତ୍ରିକ ଏବଂ ମର୍ଯ୍ୟାଦାପୂର୍ଣ୍ଣ ପରିମଳ କାର୍ଯ୍ୟକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି ।

## ସୁଭଦ୍ରା ଶକ୍ତିମେଳା

ବରଗଡସ୍ଥିତ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ସୁଭଦ୍ରା ଶକ୍ତିମେଳା ଶୁଭାରମ୍ଭ ହୋଇଛି । ବରଗଡ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବା ସହ କହିଛନ୍ତି ସୁଭଦ୍ରା ଶକ୍ତିମେଳା ଓଡ଼ିଶାର ମା’, ଭଉଣୀ ଏବଂ ଝିଅ ମାନଙ୍କର ପ୍ରତିଭା, ଦକ୍ଷତା ଓ ଉଦ୍ୟମର ନିଦର୍ଶନ ।

## ପୁସ୍ତକମେଳା

ସୁବର୍ଣ୍ଣପୁର ରୟାଲ ପଡ଼ିଆଠାରେ ଚାଲିଥିବା ସପ୍ତମ ଜିଲ୍ଲା ପୁସ୍ତକ ମେଳା ଇଙ୍କ ଫେଷ୍ଟ ୨୦୨୬ର ଚତୁର୍ଥ ସଂଧ୍ୟାରେ ବହୁଭାଷି କବିତା ଆସର ଶବ୍ଦରାଗ ‘ଭାଗ ଫଗୁଣ’ ଅନୁଷ୍ଠିତ ହୋଇଯାଇଛି । କବି ରଞ୍ଜିତା ପଣ୍ଡା ଓ ଲକ୍ଷ୍ମୀନାରାୟଣ ସାହୁଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ ଓଡ଼ିଆ, ହିନ୍ଦୀ, କୋଷଳି ଭାଷାର କବିତା ପାଠ କରିଥିଲେ ।

## ବାର୍ଷିକ ଉତ୍ସବ

ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ ଅଧୀନ ଶରଣପୁର ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିବା ସହ ଜିଲ୍ଲା ଓ ରାଜ୍ୟସ୍ତରରେ କୃତୀତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା

ଜଣାଇବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ପାଣିପାଗ

ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାଅନୁସାରେ ଆସନ୍ତାକାଲି ପର୍ଯ୍ୟନ୍ତ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ନୟାଗଡ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଅନୁଗୁଳ ଓ ଢ଼େଙ୍କାନାଳ ଜିଲ୍ଲାରେ ଘନ କୁହୁଡି ଦେଖାଯିବ । ରାଜ୍ୟର ଦକ୍ଷିଣଭାଗ ଅଞ୍ଚଳ ଗୁଡ଼ିକରେ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇବ। ଗତ ୨୪ଘର୍ଣ୍ଟା ମଧ୍ୟରେ ଜି.ଉଦୟଗିରିରେ ରାତିର ସର୍ବନିମ୍ନ ତାପମାତ୍ରା ୭ ଦଶମିକ ୮ ଡିଗ୍ରୀ ଥିଲା ।